# Akashvani, Sambalpur

## SAMBALPURI NEWS EVENING BULLETIN

## 24 September 2026-7.02- 7.12 pm.

---

୧- ରାଷ୍ଟ୍ରନୀତିଥି ସେବା ଭାବ୍‌ନା ସାମିଲ୍ ହେଲେ ଦେଶର୍ ପ୍ରଗତି ଅଏତ୍‌କା ତୁର୍‌ତି ହେସି କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ଆଏବା କାଏଲ୍‌ତକ୍ ବିଧାନ୍‌ସଭା ମୁଲ୍‌ତବୀ ।

- ବଏଢ୍ ନିୟନ୍ତ୍ରଣ୍ ଲାଗି ରାଜ୍ୟ ସର୍‌କାର୍ ସମନ୍ୱିତ୍ ଯୋଜ୍‌ନା କାର୍ଯ୍ୟକାରୀ କରୁଛନ୍- ଗୃହ ନ ଉତର୍ ରଖିଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ସମବାୟ କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଆଏବା କାଏଲ୍ ମେଗା ସମବାୟ ସଦସ୍ୟତା ଅଭିଯାନ୍-ସମ୍ୱନ୍ଧର ହେବା ଶୁଭାରମ୍ଭ ।

ଆଉର୍

୪- ଗଭୀର ଅବପାତ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା ।

- ଜବରନୁ ଅତି ଜବର୍ ବର୍ଷା ଲାଗି ୩ ଟା ଜିଲ୍ଲାକେ କରାଗଲା ସତର୍କ ।

ପିଏମ୍ ସେବା ଯାତ୍ରୀ       ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରନୀତିଥି ସେବା ଭାବ୍‌ନା ସାମିଲ୍ ହେଲେ ଦେଶର୍ ପ୍ରଗତି କ୍ଷେତ୍ରଥି ଅଏତ୍‌କା ପ୍ରୋତ୍ସାହନ୍ ମିଲ୍‌ସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଭଡ୍ ନଗର୍ ନୁ ବାରଣାସୀ ତକ୍ ଯାତ୍ରା କରୁଥିବା ସେବା ଯାତ୍ରୀଙ୍କର୍ ସହେତେ ଆଭାସୀ ଜରିଏ ଆଲୋଚନା କରିକରି ଶ୍ରୀ ମୋଦୀ କହିଛନ୍, ଜୀବନ୍‌ଥି ସେବା ପରମଧର୍ମ ଭାବ୍‌ନା ନେଇକରି ଆଗ୍‌କେ ବଢ୍‌ବାର୍‌କେ ହେବା । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ତିଆର୍ କର୍‌ବାର୍‌ଥି ଯୁବପିଢ଼ିଙ୍କର୍ ଗୁରୁତ୍ୱପୂର୍ଣ୍ଣ ରହିଛେ । ଆଝିର୍ ଯୁବପିଢ଼ି ବିକଶିତ୍ ଭାରତ୍‌ର ନିର୍ମାତା ଆଉ ତାର୍ ପ୍ରକୃତ୍ ସୁଫଲ୍ ସେମାନେ ହିଁ ପାଏବେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା ମୌସୁମୀ ଅଧିବେଶନ       ଭୁବନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍‌ର ୩ ନମ୍ବର୍ ଦିନେ ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ଆଏଜ୍ ଭିଲ୍ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଛେ । ଏମ୍ଏମ୍‌ଡିଆର୍ ସଂଶୋଧନ୍ ଆଇନ୍ ପ୍ରସଙ୍ଗକେ ନେଇକରି ବିରୋଧୀ ଦଲର୍ ସଦସ୍ୟମାନେ ଗୃହ ନ ହୋହଲ୍ଲା କରିଥିଲେ । ସ୍ଥିତିଥି ସୁଧାର୍ ନାଇଁ ଆସ୍‌ବାର୍‌ନୁ ଉପ ବାଚସ୍ପତି ଭବାନୀ ଶଙ୍କର୍ ଭୋଇ ପହେଲା ଉପର୍‌ବେଲା ୪ ବଜେତକ୍ ଆଉ ତାର୍ ଉତ୍‌ରୁ ଆଏବା କାଏଲ୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ । ଗୃହ ନ ଆଏଜ୍ ୨ ଟା ବିଲ୍ ଆଉ ୨ ଟା ରିପୋର୍ଟ ଉପସ୍ଥାପନ୍ ଉତ୍‌ରୁ ଗୃହକେ ମୁଲ୍‌ତବୀ କରାଯାଇଛେ । ହୋହଲ୍ଲା ଭିତ୍‌ରେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ୨ ଟା ତାରକା ପ୍ରଶ୍ନର୍ ଉତର୍ ରଖିଥିଲେ ।

ବିଧାନ୍‌ସଭା-୧ ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ବନ୍ୟା ନିୟନ୍ତ୍ରଣ୍ କର୍‌ବାର୍ ଲାଗି ସର୍‌କାର୍ ସାମଗ୍ରିକ୍ ବନ୍ୟା ପରିଚାଳନା ନାଁଥି ଗୁଟେ ସମନ୍ୱିତ୍ ଯୋଜ୍‌ନା କାର୍ଯ୍ୟକାରୀ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

କହିଛନ୍ । ବିଧାନ୍‌ସଭା ନ ସଦସ୍ୟ ଧ୍ରୁବଚରଣ୍ ସାହୁଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍, ଯୋଜ୍‌ନା ଅଧୀନ୍‌ଥି ବନ୍ୟା ନିୟନ୍ତ୍ରଣ୍ ଯୋଜ୍‌ନା କାର୍ଯ୍ୟକାରୀ କରାଯିବା । ନଦୀବନ୍ଧାର ସୁଦୃଢ଼ୀକରଣ୍, ସୁରକ୍ଷା ଆଉ ପୁନଃନିର୍ମାଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଗୃହକେ ଜନେଇଛନ୍ ।

ବିଧାନ୍‌ସଭା-୨ ଭୁବନେଶ୍ୱର୍ ସମ୍ବାଦଦାତା

ପର୍ଯ୍ୟଟନ୍ ଆଉ ସମୁଦ୍ରିକ୍ ଅର୍ଥନୀତିକେ ନୂଆଁ ଗତି ଦେବାର୍ ଲାଗି ରାଜ୍ୟ ସର୍‌କାର୍ ପୁରୀ ନ ଅତ୍ୟାଧୁନିକ୍ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍ ତିଆର୍ କର୍‌ବେ । ଇଥିର୍‌ଲାଗି ପାରାଦ୍ୱୀପ୍ ବନ୍ଦର୍ କର୍ତୃପକ୍ଷ ଆଉ ଓଡ଼ିଶା ମାରିଟାଇମ୍ ବୋର୍ଡ଼ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ ବଲି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ କହିଛନ୍, ୨୦୨୮ ମସିହାତକ୍ ଇତାକେ କାର୍ଯ୍ୟକ୍ଷମ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଇ ପ୍ରକଳ୍ପ ପୁରୀ ଜିଲ୍ଲାର୍ ସିପ ସରୁବାଲି ଠାନେ ଧୋଉଣ୍ଡିଆ ନଦୀ ମୁହାଁଣ ନ ଚିହ୍ନଟ୍ ହେଇଥିବା ୬୦ ଏକଡ଼୍ ଜମିନ୍‌ଥି ଥାପ୍‌ନା କରାଯିବା ।

କ୍ରୁଜ୍ ଟର୍ମିନାଲ୍‌ର ଯୋଜନାବଦ୍ଧ ବିକାଶ୍ ଆଉ କାର୍ଯ୍ୟାନ୍ୱୟନ୍ ଲାଗି ମୁଖ୍ୟ ପରିଚାଲନା ଅଧିକାରୀ ଓଡ଼ିଶା ମାରିଟାଇମ୍ ବୋର୍ଡ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସ୍ୱତନ୍ତ୍ର ସଂସ୍ଥା ଗଠନ୍ ଲାଗି ପ୍ରସ୍ତାବ୍ ରହିଛେ ବଲି ମନ୍ତ୍ରୀ ଶ୍ରୀ ଜେନା ଗୃହକେ ଜନେଇଛନ୍ ।

ବିଧାନ୍‌ସଭା-୩ ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ୨୦୨୬-୨୭ ଆର୍ଥିକ୍ ବଛର୍ ର ଇ ମାସ ୧୫ ତାରିଖ୍ ତକ୍ ଖଣିନୁ ୨୧ ହଜାର୍ ୫ ଶହ ୮୬ କୋଟି ଟଙ୍କା ରାଜସ୍ୱ ଆଦାୟ ହେଇଛେ ବଲି ଇସ୍ପାତ୍ ଆଉ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଗୃହ ନ ଉତର୍ ରଖିଛନ୍ । ସଦସ୍ୟ ସାରଦା ପ୍ରସନ୍ନ ଜେନାଙ୍କର୍ ଗୁଟେ ପ୍ରଶ୍ନଥି ମନ୍ତ୍ରୀ କହିଛନ୍, ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୪୬ ହଜାର୍ ୩ ଶହ ୯୬ କୋଟି ଟଙ୍କାର୍ ରାଜସ୍ୱ ଆଦାୟ ହେଇଥିଲା । ଏମ୍‌ଏମ୍‌ଡିଆର୍ ଆଇନ୍ ୨୦୨୬ ର ସଂଶୋଧନ୍ ଲାଗି ୨୦୦୫ ନୁ ୨୦୨୪ ଭିତ୍‌ରେ ଆଦାୟ ହେଇଥିବା କେନ୍‌ସି ଖଣି ଟିକସ୍ ବକେୟା କି ବାର୍ଷିକ୍ ରାଜସ୍ୱ କ୍ଷତିର୍ ପରିମାଣ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଇ ଖେପେ ଆକଲନ୍ ନାଇଁ କରାଯାଇ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଧାନ୍‌ସଭା-୪ ଭୁବନେଶ୍ୱର୍ ସମ୍ବାଦଦାତା

ଚଲ୍‌ତି ବଛର୍ ବଏଢ୍‌ଥି ରାଜ୍ୟର୍ ୨୬ ଟା ଜିଲ୍ଲାର୍ ୩୭ ଲାଖ୍ ୪୩ ହଜାର୍ ୯ ଶହ ୪୩ ଝନ୍ ଲୋକ୍ ପ୍ରଭାବିତ୍ ହେଇଛନ୍ ଆଉ ୭ ଝନ୍‌କର୍ ଜୀବନ୍ ଯାଇଛେ । ଇତାର୍‌ସହେତେ ୯୩ ଟା ଗୃହପାଲିତ୍ ପଶୁ, ୨ ଲାଖ୍ ୧୨ ହଜାର୍ ୫ ଶହ ୩୩ ହେକ୍ଟର୍ ଫସଲ୍ ଆଉ ୧୮ ହଜାର୍ ୬୭ ଟା ଘର୍ କ୍ଷତିଗ୍ରସ୍ତ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ବିଧାନ୍‌ସଭା ନ ତଥ୍ୟ ରଖିଛନ୍ । ବ୍ୟକ୍ତିଗତ ସମ୍ପତି ନୁକ୍‌ସାନ୍‌ର ଭର୍‌ନା ଲାଗି ୨ ଶହ ୩୪ କୋଟି ୮୪ ଲାଖ୍ ୮୬ ହଜାର୍ ଟଙ୍କା ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିନୁ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ସମବାୟ ସଦସ୍ୟତା ଅଭିଯାନ୍-ସମ୍ପନ୍ଧ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ସମବାୟ କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଗୁଟେ ମେଗା ସମବାୟ ସଦସ୍ୟତା ଅଭିଯାନ୍-ସମ୍ପନ୍ଧ ମୁଲ୍

ହେବା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍ ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ଡିଜିଟାଲ୍ ଜରିଏ ସଦସ୍ୟତା ପଞ୍ଜିକରଣ୍‌କେ ସହଜ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ନୂଆଁ ମୋବାଇଲ୍ ଆପ୍ଲିକେସନ୍‌ର ଭିଲ୍ ଶୁଭାରମ୍ଭ କରାଯିବା । ଇ ଅବ୍‌ସରେ ସମବାୟ କ୍ଷେତ୍ର ନ ବହୁତ୍‌ଟେ ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଭିତିପ୍ରସ୍ତର୍ ଥାପ୍‌ନା ହେବା । କାର୍ଯ୍ୟକ୍ରମ୍‌ଥି ସବୁ ଜିଲ୍ଲାକେ ଆଭାସୀ ଜରିଏ ଜୁଡ଼ାଯିବା । ଇତାର୍‌ସହେତେ ଓଡ଼ିଶା ସମବାୟ ଇତିହାସ୍‌ଥି ପହେଲାଥର୍ ଲାଗି ପେକ୍ସ ଆର୍ ଲେମ୍ପ୍ସ ମାନ୍‌କର୍ ଚାଷୀ ସଦସ୍ୟମାନ୍‌କୁ ଲାଭାଂଶ ଦିଆଯିବାର୍ ଭିଲ୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ମୋଡ଼େଲ୍ ମଣ୍ଡିର୍ ଭିତିପ୍ରସ୍ତର୍ ଥାପ୍‌ନା ସହେତେ ବୃହତ୍ ଶସ୍ୟ ସଂରକ୍ଷଣ୍ ଯୋଜ୍‌ନା ଅଧୀନ୍‌ଥି ତିଆର୍ ହେବାର୍‌କେ ଥିବା ଗୁଦାମ୍ ଘର୍‌ର ଭିତିପ୍ରସ୍ତର୍ ଥାପ୍‌ନା କରାଯିବା । ସମବାୟ ନିରୀକ୍ଷକ୍ ଆଉ ରାଜ୍ୟ ପଣ୍ୟାଗାର୍ ନିଗମ୍‌ର ପ୍ରାର୍ଥୀମାନ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଯୁକ୍ତିପତ୍ର ଭିଲ୍ ବାଂଟ୍‌ବେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନସେବା-ପି.ଏମ୍. ଜନ୍‌ମନ୍ ମିଶନ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନସେବାର ୨୫ ବଛର୍ ପୁରା ହେଇଛେ । ଜନସେବାନୁ ଦେଶ୍ ସେବା ମନ୍ତ୍ର ଆଧାରିତ୍ ଜୟଯାତ୍ରା ଆଉ ଇହାଦେତକ୍ ଚାଲିଥିବା ନିରନ୍ତର୍ ଅଙ୍ଗିକାର୍‌ବଦ୍ଧତାକେ ଇଟା ଦର୍ଶଉଛେ । ସେବା ଆଉ ସୁଶାସନ୍‌ର ଇ ଦୂରଦୃଷ୍ଟିଥି ପରିଚାଲିତ୍ ହେଇକରି ସର୍‌କାର୍ ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ସବୁବେଲେ କାମ୍ କରିଆସୁଛନ୍ । ସମାବେଶୀ ବିକାଶ୍ ଆଉ ସାମାଜିକ୍ ସଶକ୍ତିକରଣ୍ ଦିଗେ ଇ ସମର୍ପଣ୍ ଜୀବନ୍‌କେ ବଦ୍‌ଲଉଛେ । ସେବା ସଂକଳ୍ପ ଅଭିଯାନ୍‌ର ଆଝିରର୍ ଖାସ୍ କଡ଼ିଥି ଆସୁନ୍ ଜାନ୍‌ମା- ପି.ଏମ୍. ଜନ୍‌ମନ୍ ମିଶନ୍ ବାବ୍‌ଦେ ।

୨୦୨୩ ମସିହା ନଭେମ୍ବର୍ ମାସେ ମୁଲ୍ ହେଇଥିବା ପ୍ରଧାନ୍‌ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ୍ ପିଏମ୍ ଜନ୍‌ମନ୍ ଭାରତ୍‌ର ୭୫ ଟା ଅତି ଦୁର୍ବଲ୍ ଆଦିବାସୀ ଗୋଷ୍ଠୀ - ପିଭିଟିଜି ଯେନ୍ତା ବିକାଶ୍‌ର ମୁଖିଆ ସ୍ରୋତନୁ ବାଦ୍ ନାଇଁ ପଡ଼ନ୍ ସେଥିର୍‌ଲାଗି ଗୁଟେ କେନ୍ଦ୍ରିତ୍ ମିଶନ୍ ଆଏ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ମିଶନ୍ ଅଧୀନ୍‌ଥି ୯ ଟା ମନ୍ତ୍ରଣାଲୟର୍ ମିଲିତ୍ ଚେରେଷ୍ଟା ଲାଗି ୧୧ ଟା କ୍ଷେତ୍ର ନ ହସ୍ତକ୍ଷେପ୍ କରାଯାଉଛେ । ଯେନ୍‌ଥି ଘର୍, ପିଇବାର୍ ପାଏନ୍, ବିଜ୍‌ଲି, ରାସ୍ତା, ଟେଲିକମ୍ ସଂଯୋଗ୍, ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ୍, ଶିକ୍ଷା ଆଉ ଜୀବିକା ସାମିଲ୍ ଅଛେ । ୨୦୨୬ ମସିହା ଜୁନ୍ ମାସ୍‌ତକ୍ ଇ ମିଶନ୍‌ଥି ବ୍ୟାପକ୍ ସଫଲତା ମିଲିଛେ । ୨ ଲାଖ୍ ୬୭ ହଜାର୍ ପକ୍କା ଘର୍ ତିଆରି, ୮ ହଜାର୍ ୪ ଶହ ୭୩ ଟା ଗାଁ ନ ଶହେ ପ୍ରତିଶତ୍ ପାଇପ୍ ପାଏନ୍ ଯୋଗାଣ୍, ୮ ଶହ ୩୧ ଟା ମୋବାଇଲ୍ ମେଡ଼ିକାଲ୍ ୟୁନିଟ୍ କାର୍ଯ୍ୟକ୍ଷମ୍ ଆଉ ୨ ହଜାର୍ ୩ ଶହ ୯୦ ଟା ଅଙ୍ଗନବାଡ଼ି କେନ୍ଦ୍ର ୧୮ ଟା ରାଜ୍ୟର୍ ପିଭିଟିଜିଙ୍କର୍ ଲାଗି କାମ୍ କରୁଛେ । ଇ ମିଶନ୍ ସବୁନୁ ଦୁର୍ବଲ୍ ଆଦିବାସୀ ସମ୍ପ୍ରଦାୟକେ ବିକଶିତ୍ ଭାରତ୍ ଯାତ୍ରାର୍ କେନ୍ଦ୍ରଥି ରଖୁଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ

କର୍‌ବେ । ଇଟା ତାଙ୍କର୍ ଶହେ ୩୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ନିଟ୍ ପିଜି ରିଜଲ୍ଟ          ଏକ୍ସ

ଚିକିତ୍ସା ବିଜ୍ଞାନ୍ ଜାତୀୟ ପରୀକ୍ଷା ବୋର୍ଡ୍- ଏନ୍.ବି.ଇ.ଏମ୍.ଏସ୍. ତର୍‌ଫୁ ନିଟ୍ ପିଜି -୨୦୨୬ ପରୀକ୍ଷାଫଲ୍ ଘୋଷ୍‌ନା କରାଯାଇଛେ । ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଭିନ୍ ଭିନ୍ ପାଠ୍ୟକ୍ରମ୍ ଆଉ ପିଜି ମେଡ଼ିକାଲ୍ ଡିପ୍ଲୋମା ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଗଲା ଅଗଷ୍ଟ ୩୦ ତାରିଖ୍ ଦିନ ସାରା ଦେଶେ

ଇ ପରୀକ୍ଷା ହେଇଥିଲା । ପରୀକ୍ଷାର୍ଥୀମାନେ ଅକ୍ଟୋବର୍ ୧ ତାରିଖ୍ ଉତ୍ରୁ ଏନ୍.ବି.ଇ.ଏମ୍.ଏସ୍. ଅଫିସିଆଲ୍ ୱେବ୍ସାଇଟ୍ନୁ ନିଜର୍ ସ୍କୋର୍ କାର୍ଡ୍ ପାଇପାର୍ବେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ତାକେ ଲାଗିକରି ଥିବା ଉତର୍-ପଶ୍ଚିମ ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଗଭୀର ଅବପାତ୍ ଆନ୍ଧ୍ରପ୍ରଦେଶ କଳିଙ୍ଗ ପାଟନମ୍ ଠାନେ ଗଲାକାଏଲ୍ ଡେରିରାତି ସ୍ଥଲ୍ଭାଗ୍ ଛିଇଁଛେ । ଗଭୀର ଅବପାତ ରାୟଗଡ଼ା ନୁ ୮୦ କିଲୋମିଟର୍ ଦୂରେ ଅଛେ । ଇତାର୍ ପ୍ରଭାବ୍ଥି ଦକ୍ଷିଣ ଓଡ଼ିଶା ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ କଲାହାଣ୍ଡି, ନବରଙ୍ଗ୍ପୁର୍, କୋରପୁଟ୍ ଆଉ ମାଲ୍କାନ୍ଗିରି ଜିଲ୍ଲା ନ ବିଜ୍ଲି ଘଡ଼୍ଘଡ଼ି ସହେତେ ଜବର୍ନୁ ଅତି ଜବର୍ ବର୍ଷାକେ ନେଇକରି ରେଡ଼୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେନ୍ତା ନୂଆପଡ଼ା ବଲାଙ୍ଗିର୍, କନ୍ଧମାଲ୍, ରାୟଗଡ଼ା, ମାଲ୍କାନ୍ଗିରି,

ଗଜପତି ଆଉ ଗଞ୍ଜାମ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଜବର୍ ବର୍ଷାକେ ନଜର୍‌ଥି ରଖିକରି ପ୍ରଭାବିତ୍ ଜିଲ୍ଲାମାନ୍‌କେ ସ୍କୁଲ୍ ଛୁଟି ସମିଆ ବଢ଼ିପାରେ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ।